**ଭାରତୀୟ ଖଣି କ୍ଷେତ୍ରରେ କାର୍ଯ୍ୟକାରିତା ପାଇଁ ବହୁରାଷ୍ଟ୍ରୀୟ / ବିଦେଶୀ କମ୍ପାନୀ କି ପ୍ରକାର ପଦକ୍ଷେପ ନେବା ଆବଶ୍ୟକ।**

ଭାରତରେ ଖଣି ରିହାତି ପାଇବା ପାଇଁ, ବହୁରାଷ୍ଟ୍ରୀୟ / ବିଦେଶୀ କମ୍ପାନୀଙ୍କୁ ପ୍ରଥମେ ଭାରତୀୟ କମ୍ପାନୀ ଆଇନ୍‌ର ଧାରା ୩(୧), ୧୯୫୬ ଅନୁଯାୟୀ ରେଜେଷ୍ଟ୍ରୀଭୁକ୍ତ ହେବାକୁ ପଡିଥାଏ । ଭାରତରେ ରେଜେଷ୍ଟ୍ରୀଭୁକ୍ତ କୌଣସି କମ୍ପାନୀରେ ବିଦେଶୀ ପୁଞ୍ଜି ଲଗାଣ ଉପରେ କୌଣସି ଅଙ୍କୁଶ ନଥାଏ । ଏହାପରେ ଉକ୍ତ କମ୍ପାନୀ ଖଣି ରିହାତି ପାଇଁ ଉକ୍ତ ରାଜ୍ୟ ସରକାରଙ୍କ ପାଖରେ ଆବେଦନ କରିପାରିବେ।

**ଖଣି ରିହାତି ଦେବାର ନିୟମ କ'ଣ ?**

ଗୌଣ ଖଣି ପଦାର୍ଥକୁ ଛାଡ଼ି ଅନ୍ୟ ସବୁ ଖଣିଜ ଦ୍ରବ୍ୟ କ୍ଷେତ୍ରରେ ଏକ ସାଧାରଣ ନିୟମକୁ ପାଳନ କରାଯାଇଥାଏ, ଯେଉଁଠାରେ କି ପ୍ରଥମେ ଆବେଦନ କରିଥିବା ବ୍ୟକ୍ତିଙ୍କୁ ପ୍ରଥମେ ସୁଯୋଗ ଦିଆଯାଇଥାଏ। ଯେପରିକି ପ୍ରଥମେ ସର୍ବେକ୍ଷଣ ପାଇଁ ଅଧିକାର ପାଇଥିବା ବ୍ୟକ୍ତିଙ୍କୁ ପୂର୍ବେକ୍ଷଣ ପାଇଁ ଅଧିକାର ମିଳିଥାଏ ଓ ପ୍ରଥମେ ପୂର୍ବେକ୍ଷଣ କରିଥିବା ବ୍ୟକ୍ତିଙ୍କୁ ନିୟମାନୁଯାୟୀ ପ୍ରଥମେ ଖଣି ଲିଜ୍ ନେବାର ସୁଯୋଗ ଦିଆଯାଇଥାଏ। ଯଦି କୌଣସି ରାଜ୍ୟରେ ଗୋଟିଏ ଖଣି କ୍ଷେତ୍ରରେ ବହୁଗୁଡିଏ ସଂସ୍ଥା ଆବେଦନ କରିଥାନ୍ତି, ସେ କ୍ଷେତ୍ରରେ ରାଜ୍ୟ ସରକାର ସ୍ୱଚ୍ଛ ଭାବରେ ଘଟଣାର ମୂଲ୍ୟାୟନ କରିପାରନ୍ତି, ଯେଉଁଥିରେ କି ଉକ୍ତ କମ୍ପାନୀର ଅଭିଜ୍ଞତା, ଅର୍ଥିକ ଅବସ୍ଥା, ଖଣିରେ ଖର୍ଚ୍ଚ କରୁଥିବାର ହିସାବ ଆଦି ଘଟଣାକୁ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା ନିରୀକ୍ଷା କରାଯାଇଥାଏ।

ଏହା ବ୍ୟତୀତ ଅନୁସୂଚୀ-୧ ଅନ୍ତର୍ଗତ ସମସ୍ତ ଖଣିଜ ଦ୍ରବ୍ୟ ଗୁଡିକ ପାଇଁ MMDR ର ନିୟମ, ୧୯୫୭ ଅନୁଯାୟୀ କୌଣସି ନିର୍ଦ୍ଦେଶ ଦେବା ପୂର୍ବରୁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ।

**ଗୋଟିଏ ଅଞ୍ଚଳର ମାଟି ଉପରେ ଅଧିକାର ଥିବା ବ୍ୟକ୍ତିଙ୍କ ଖଣି ପାଇଁ କିଛି ସୁବିଧା ଦିଆଯାଇଥାଏ କି ?**

ନାଁ, ଯଦିଓ ମାଟି ଉପରେ ଅଧିକାର ଥାଏ, ତେବେ ଖଣିଜ ଦ୍ରବ୍ୟର ରିହାତି ଏଥିପାଇଁ ମିଳିନଥାଏ।

**ଖଣି ରିହାତି ପାଇଁ ଆବେଦନ କରିବା ପରେ କେତେଦିନ ମଧ୍ୟରେ ଏହାର ଉତ୍ତର ମିଳିଥାଏ ?**

ଖଣି ରିହାତି ନିୟମ ୧୯୬୦ଅନୁଯାୟୀ ରାଜ୍ୟ ସରକାର ନିମ୍ନଲିଖିତ ଦିନ ମଧ୍ୟରେ ନିଜର ନିଷ୍ପତ୍ତି ଜଣାଇବାକୁ ପଡିଥାଏ।

**ସର୍ବେକ୍ଷଣ ଅଧିକାର - ୬ମାସ, ପୂର୍ବେକ୍ଷଣ ଅଧିକାର-୯ମାସ, ଖଣି ଲିଜ୍-୧୨ମାସ**

ମାତ୍ର ଯଦି କୌଣସି କାରଣରୁ ବିଳମ୍ବ ହୋଇଥାଏ, ତେବେ ରାଜ୍ୟ ସରକାରଙ୍କୁ ଏହାର କାରଣ ଦେବାକୁ ପଡ଼ିଥାଏ । ଏହାଛଡା ଯଦି କୌଣସି କ୍ଷେତ୍ରରେ ଆବେଦନ କରିଥିବା ରିହାତି ପାଇଁ କୌଣସି କମ୍ପାନୀ ଯୋଗ୍ୟ ବିଚାର ହୋଇନଥାଏ, ତେବେ ସେପରି କ୍ଷେତ୍ରରେ ନିୟମ ଅନୁଯାୟୀ ଉକ୍ତ ବ୍ୟକ୍ତି ଅବା କମ୍ପାନୀକୁ ତାଙ୍କର ଯୁକ୍ତି ବାଢ଼ିବାର ଅଧିକାର ଦିଆଯାଇଥାଏ ଓ ତାପରେ କୌଣସି ସିଦ୍ଧାନ୍ତ ଗ୍ରହଣ କରାଯାଏ।

**ଖଣିଜ ପଦାର୍ଥ ଉପରେ ରିହାତି କେବେଠାରୁ କାର୍ଯ୍ୟକ୍ଷମ ହୋଇଥାଏ ?**

ରାଜ୍ୟ ସରକାର ଖଣିଜ ପଦାର୍ଥ ରିହାତି ଉପରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସିଦ୍ଧାନ୍ତ ନିଅନ୍ତି, ଯାହା ଖଣିଜ ପଦାର୍ଥ ରିହାତି ଆଇନ୍, ୧୯୬୦ରେ ଉଲ୍ଲେଖ ଅଛି । ଏଭଳି ସିଦ୍ଧାନ୍ତ ହେବାପରେ ଏହାକୁ ପୂର୍ବେକ୍ଷଣ ଓ ସର୍ବେକ୍ଷଣ ଲିଜ୍‌ର ୩ମାସ ତଥା ଖଣି ଲିଜ୍‌ର ୬ମାସ ମଧ୍ୟରେ ସମସ୍ତ ଦସ୍ତାବିଜ୍ ଲେଖନ ପରେ କାର୍ଯ୍ୟକାରୀ କରାଯାଇଥାଏ । ଖଣି ରିହାତିର ସମୟ ଅବଧି ସେହିଦିନ ଠାରୁ କାର୍ଯ୍ୟକ୍ଷମ ହୋଇଥାଏ।

**କ'ଣ ବିନା ପୂର୍ବେକ୍ଷଣ ଲାଇସେନ୍ସ କ୍ଷେତ୍ରରେ ଖଣି ଲିଜ୍ ଦେଇ ହେବ କି ?**

ହଁ ଯଦି ରାଜ୍ୟ ସରକାରଙ୍କ ପାଖରେ ଉକ୍ତ ସ୍ଥାନରେ ଖଣିଜ ପଦାର୍ଥ ଥିବାର ଯଥେଷ୍ଟ ପ୍ରମାଣ ଥାଏ, ଯାହାକି ପୂର୍ବର ପୂର୍ବେକ୍ଷଣ ଦ୍ୱାରା ହୋଇଥାଏ, ତେବେ ସେଭଳି ସ୍ଥାନକୁ ଖଣି ପାଇଁ ଲିଜ୍ ଦେବାରେ କୌଣସି ଅସୁବିଧା ନାହିଁ।

**ଜଣେ କିପରି ଖଣି ଲିଜ୍‌କୁ ନବୀକରଣ କରିଥାଏ ? ଏହି ନବୀକରଣ ସମ୍ବନ୍ଧରେ ତାଙ୍କର କି ଅଧିକାର ଅଛି ?**

ଜଣେ ବ୍ୟକ୍ତିକୁ ନିଜର ଖଣି ନବୀକରଣ ମିଆଦର ୧୨ମାସ ପୂର୍ବରୁ ଆବେଦନ କରିବାକୁ ପଡିବ । ଯଦି ଆବେଦନ କରିବାରେ କୌଣସି କାରଣରୁ ଡେରି ହୋଇଥାଏ, ତେବେ ସରକାର ପୁରୁଣା ରେକର୍ଡ ଦେଖି ଏହି ଭୁଲ ପାଇଁ କ୍ଷମା କରିପାରନ୍ତି । ଖଣି ନବୀକରଣ ପାଇଁ ଆବଶ୍ୟକ ହେଉଥିବା ନଥିପତ୍ର ପ୍ରାୟତଃ ନୂତନ ଖଣି ପାଇଁ ଆବେଦନ ସମୟର କାର୍ଯ୍ୟଭଳି ଓ ଆବେଦନକୁ ରାଜ୍ୟ ସରକାର ସ୍ୱୀକୃତି ଅବା ବାତିଲ୍ କରିପାରନ୍ତି । ଜଣେ ବ୍ୟକ୍ତି ଠିକ୍ ସମୟରେ ଖଣି ନବୀକରଣ ପାଇଁ ଆବେଦନ କରିଥିଲେ ମଧ୍ୟ ଯଦି କୌଣସି ପ୍ରକାରର ନିଷ୍ପତି ନିଆଯିବା ପୂର୍ବରୁ ଖଣି ଲିଜ୍‌ର ମିଆଦ ସରି ଯାଇଥାଏ, ତେବେ ଉକ୍ତ ବ୍ୟକ୍ତି ସେହି ଖଣିକୁ ସରକାରଙ୍କ କୌଣସି ନିଷ୍ପତି ନେବା ପର୍ଯ୍ୟନ୍ତ ପୂର୍ବ ଭଳି ବ୍ୟବହାର କରିପାରିବେ । ଯଦି ଜଣେ ବ୍ୟକ୍ତି ନିଜ କାରଖାନା ଉଦ୍ଦେଶ୍ୟରେ ଖଣିର ନବୀକରଣ ପାଇଁ ଆବେଦନ କରିଥାନ୍ତି, ତେବେ ତାଙ୍କୁ ଅତି ବେଶୀରେ ୨୦ବର୍ଷ ପାଇଁ ଅନୁମତି ଦିଆଯାଇ ପାରିବ।

**କେଉଁ ଅବସ୍ଥାରେ ଖଣିର ଲିଜ୍ ବାତିଲ କରାଯାଇ ପାରିବ ?**

ଖଣି ଲିଜ୍ ସେ ସବୁ ଅବସ୍ଥାରେ ବାତିଲ୍ ହୋଇଥାଏ, ଯେତେବେଳେ ଖଣି ଲିଜ୍ ପାଇବାର ୨ବର୍ଷ ମଧ୍ୟରେ କୌଣସି ପ୍ରକାର କାର୍ଯ୍ୟ ଆରମ୍ଭ ହୋଇନଥାଏ, ଯଦି କୌଣସି ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଏପରି ଡେରି ହୋଇଥାଏ, ତେବେ ଖଣି ଲିଜ୍‌ର ଅଧିକାରୀ ସେଥିପାଇଁ ରାଜ୍ୟ ସରକାରଙ୍କୁ ଆଗରୁ ଜଣାଇବା ଓ ସେଥିପାଇଁ ଅନୁମିତି ନେବା ନିତ୍ୟାନ୍ତ ଆବଶ୍ୟକ । କିନ୍ତୁ ଖଣି କାର୍ଯ୍ୟ ଆରମ୍ଭ କରି ନେଇ ଯଦି ଏହାକୁ କ୍ରମାଗତ ଭାବେ ୨ବର୍ଷ ପାଇଁ ଖାଲି ରଖାଯାଇଥାଏ, ତେବେ ମଧ୍ୟ ଏହା ବାତିଲ୍ ହୋଇଯାଇପାରେ । ଏଭଳି କ୍ଷେତ୍ରରେ ଉଦ୍ୟୋଗୀ ରାଜ୍ୟ ସରକାରଙ୍କୁ ଏଥିପ୍ରତି ଅବଗତ କରାଇବା ସହିତ ଅନୁମତି ନେବା ନିତାନ୍ତ ଜରୁରୀ । ଏହାଛଡା ଲିଜ୍ ନେଇଥିବା ବ୍ୟକ୍ତି ଯଦି ଖଣି ଲିଜ୍‌ର କୌଣସି ନୀତି ନିୟମର ଖିଲାପ କରିଥାଆନ୍ତି, ତେବେ ମଧ୍ୟ ଲିଜ୍ ବାତିଲ୍ ହେବାର ଯଥେଷ୍ଟ ସମ୍ଭାବନା ଥାଏ।

ସମସ୍ତ ପ୍ରକାର ଖଣିଜ ପଦାର୍ଥ (ଗୌଣ ଧାତୁକୁ ଛାଡ଼ି)ର ସମୟ ପୂର୍ବରୁ ଲିଜ୍ ବାତିଲ୍ କରିବାର ଅଧିକାର ଧାରା ୪କ(୧)MMDR୧୯୫୭, ଅନୁଯାୟୀ କେନ୍ଦ୍ର ସରକାରଙ୍କ ପାଖରେ ଥାଏ, ଯେଉଁଥିରେ କି ଜଳବାୟୁ, ପ୍ରଦୁଷଣ ତଥା ପୁରୁଣା କୀର୍ତ୍ତି ଅବା ସ୍ମୃତି ସମୂହର ରକ୍ଷା ଉଦ୍ଦେଶ୍ୟରେ ହୋଇପାରେ।

**ରାଜ୍ୟ ସରକାରଙ୍କ ଠାରେ ଅଭିଯୋଗ ଥିବା ବ୍ୟକ୍ତି କାହା ପାଖରେ ନିଜର ଅସୁବିଧା ଜଣାଇପାରିବେ ଅବା ଫେରାଦ୍ ଦେବେ ?**

ଯଦି କୌଣସି ବ୍ୟକ୍ତିଙ୍କର ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ଖଣିଜ ପଦାର୍ଥ ସମ୍ପର୍କୀତ (ଗୌଣଧାତୁକୁ ଛାଡି) ନିର୍ଦ୍ଦେଶ ଉପରେ ଅଭୋଯୋଗ ଥାଏ, ସେ କ୍ଷେତ୍ରରେ ଖଣି ଲିଜ୍ ଅଧିକାରୀ ୩ମାସ ମଧ୍ୟରେ ଉକ୍ତ ନିର୍ଦ୍ଦେଶନାମାର ଏକ ପୁନଃ ସମୀକ୍ଷା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଉକ୍ତ ଆପେକ୍ଷିତ ଦସ୍ତାବିଜ ବିରୁଦ୍ଧରେ ଅନୁରୋଧ କରିପାରିବେ।

**ରାଜଭାଗ ଓ ସମ୍ପୂର୍ଣ୍ଣ ଭଡା ପାଇଁ କି କି ପ୍ରକାର ବ୍ୟବସ୍ଥା ଅଛି ଓ ଏହାକୁ କିଏ ଆଦାୟ କରିଥାନ୍ତି ?**

ଭାରତ ସରକାର ଖଣି ଓ ଖଣିଜ ପଦାର୍ଥ ଉନ୍ନତି ଓ ନିୟନ୍ତ୍ରଣ ଆଇନ୍, ୧୯୫୭(ଦ୍ୱିତୀୟ ଓ ତୃତୀୟ ଅନୁସୂଚୀ) ଅନୁଯାୟୀ ଭିନ୍ନ ଭିନ୍ନ ଖଣିଜ ପଦାର୍ଥ ପାଇଁ ରାଜଭାଗ ଓ ସମ୍ପୂର୍ଣ୍ଣ ଭଡ଼ା ଠିକ୍ କରିଥାଆନ୍ତି ଓ ଏହାକୁ ସମୟ ସମୟରେ ସଂଶୋଧନ କରିଥାଆନ୍ତି । କିନ୍ତୁ ଥରେ ମୂଲ୍ୟ ଠିକ୍ ହେବାପରେ ନିୟମ ଅନୁଯାୟୀ ଆସନ୍ତା ତିନିବର୍ଷ ମଧ୍ୟରେ ଏହାକୁ ବଦଳା ଯାଇ ପାରିବ ନାହିଁ। ଏହି ରାଜଭାଗ ଓ ସମ୍ପୂର୍ଣ୍ଣ ଭଡ଼ା ରାଜ୍ୟ ସରକାର ଆଦାୟ ଓ ବ୍ୟବହାର କରିଥାଆନ୍ତି ।ଏହାର ଆଦାୟ ପାଇଁ ନୀତି ନିୟମ ରାଜ୍ୟ ସରକାର ନିଜ ସୁବିଧାନୁଯାୟୀ ପ୍ରସ୍ତୁତ କରିଥାଆନ୍ତି।

# ଭାରତର ଖଣିଜ ଲିଜ୍ ସମ୍ବନ୍ଧୀୟ ସ୍ଥିତି, ନୀତି ଓ ନିୟମାବଳୀ


## ବସୁନ୍ଧରା

**୧୫, ସହିଦ ନଗର**

**ଭୁବନେଶ୍ୱର- ୭୫୧ ୦୦୭, ଓଡ଼ିଶା, ଭାରତ**

# ଭାରତରେ ଖଣିଜ ଦ୍ରବ୍ୟର ସ୍ଥିତି

ଭାରତ ବହୁପ୍ରକାର ଖଣିଜ ପଦାର୍ଥରେ ପରିପୂର୍ଣ୍ଣ । ଭାରତରୁ ସମୁଦାୟ ୮୯ ପ୍ରକାରର ଖଣିଜ ପଦାର୍ଥ ମିଳିଥାଏ, ସେଥି ମଧ୍ୟରୁ ୪ଟି ଇନ୍ଧନ ସମ୍ବନ୍ଧୀୟ ଖଣିଜ ଦ୍ରବ୍ୟ, ୧୧ଟି ଧାତୁ, ୫୨ଟି ଅଧାତୁ ଏବଂ ୨୨ଟି ଗୌଣ ଖଣିଜ ଦ୍ରବ୍ୟ । ଏଥି ସହିତ ଏହା ପୃଥିବୀର ସର୍ବାଧିକ ମାଇକା ବ୍ଲକ ଓ ସ୍ପିଲଟିଂ କେନ୍ଦ୍ର ।

**ଭାରତର ଖଣିଜ ପଦାର୍ଥ: କେତେ ଗୁଡିଏ ପ୍ରମୁଖ ବୈଶିଷ୍ଟ୍ୟ**

୧. 'ଖଣିଜ ଦ୍ରବ୍ୟ' ଶବ୍ଦଟିର ଅର୍ଥ ପୃଥିବୀ ପୃଷ୍ଠରୁ ନିଆଯାଉଥିବା ବହୁ ପ୍ରକାରର ଜିନିଷକୁ ବୁଝାଇଥାଏ । ଏହା ସାଧାରଣତଃ ୪ ଭାଗରେ ବିଭକ୍ତ କରାଯାଇଥାଏ । ଧାତୁ ଯେପରିକି, ଆଲୁମିନିୟମ୍ ଲୁହା, ତାମ୍ର ଆଦି, ଶିଳ୍ପ ସମ୍ବନ୍ଧୀୟ ଧାତୁ ଯୋପରିକ,ଚୁନପଥର, ଲୁହା ପଥର ଆଦି; ତିଆରି ସମ୍ବନ୍ଧୀୟ ଧାତୁ, ଯେପରିକି ବାଲି, ବଜୁରୀ ଆଦି ଓ ଶକ୍ତି ଉତ୍ପାଦନକାରୀ ଧାତୁ (ଜାଳେଣୀ ଧାତୁ) ଯେପରିକି କୋଇଲା, ଗ୍ୟାସ, ପେଟ୍ରୋଲିୟମ ଓ ଲିଗ୍ନାଇଟ୍ ।

ଏଥି ମଧ୍ୟରୁ କିଛି ଧାତୁ ଅଛନ୍ତି ଯାହାକି ଏକରୁ ଅଧିକ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥିବାର ଦେଖିବାକୁ ମିଳିଥାଏ; କିନ୍ତୁ ଯେଉଁ ବର୍ଗରେ ଏହର ବ୍ୟବହାର ଅଧିକ, ସେହିଠାରେ ହିଁ ତାକୁ ଅନ୍ତର୍ଭୁକ୍ତ କରାଯାଇଥାଏ । ଯେପରିକି ୟୁରାନିୟମ ଏକ ଆଣବିକ ପଦାର୍ଥ ଯାହାକି ଶକ୍ତି ସୃଷ୍ଟି କରିବାରେ ବ୍ୟବହାର କରାଯାଇଥାଏ ।

୨. ଭାରତୀୟ ଖଣି ନିୟମାନୁଯାୟୀ ଧାତୁ ମଧ୍ୟରେ ସମସ୍ତ ପ୍ରକାର ଖଣିଜ ଧାତୁ ଅନ୍ତର୍ଭୁକ୍ତ, କେବଳ ଖଣିଜ ତେଲ ଏଥିରୁ ବାଦ୍ ରଖାଯାଇଛି । ଖଣିଜ ତେଲ ମଧ୍ୟରେ ତେଲ ଓ ପ୍ରାକୃତିକ ଗ୍ୟାସ୍ ଅନ୍ତର୍ଭୁକ୍ତ । ଭାରତୀୟ ଧାତୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି – ଯେପରିକି ପ୍ରଧାନ ଧାତୁ ଓ ଗୌଣ ଧାତୁ ।

(କ) ଗୌଣ ଧାତୁ ମଧ୍ୟରେ ସେହି ସବୁ ଧାତୁକୁ ରଖାଯାଇଛି, ଯାହାକି ଘର ନିର୍ମାଣ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଭାରତୀୟ ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ବ୍ୟବହାର) ନିୟମ, ୧୯୫୭ ଗୌଣ ଧାତୁର ସଂଜ୍ଞାକୁ ଏହିପରି ଭାବରେ ବ୍ୟକ୍ତ କରିଛି କି ଯେ ଘର 'ନିର୍ମାଣ ନିମନ୍ତେ ବ୍ୟବହାର ଯୋଗ୍ୟ ପଥର, ବଜୁରୀ ସାଧାରଣ ପଟୁ, ସାଧା ବାଲି ଯାହାକି ସ୍ୱତନ୍ତ୍ର କାର୍ଯ୍ୟପାଇଁ ବ୍ୟବହାର ହେଉଥିବା ବାଲିଠାରୁ ଅଲଗା) ତଥା ଅନ୍ୟ ଯେ କୌଣସି ଦ୍ରବ୍ୟ ଯାହାକୁ ରାଜ୍ୟ ସରକାର ଗୌଣ ଧାତୁ ରୂପେ ନିଜର ସରକାରୀ ପ୍ରଶାସନାବଳୀରେ ଅନୁମୋଦନ କରିଥିବେ । ଗୌଣ ଧାତୁ ସାଧାରଣତଃ ଘର ତିଆରିରେ ବ୍ୟବହାର ହେଉଥିବା ଧାତୁ ପଦାର୍ଥକୁ ହିଁ କୁହାଯାଇଥାଏ । ଏହି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଖଣ୍ଡ ଅଧିକାର ଅଛି, ଯାହାଦ୍ୱାରା ସେମାନେ ଏହି ଧାତୁଗୁଡ଼ିକୁ ବ୍ୟବହାର ତଥା ଲିଜ୍ ଆକାରରେ ଦେଇପାରିବେ । ସାଧାରଣତଃ ଏଗୁଡ଼ିକ ଆଞ୍ଚଳିକ କ୍ଷେତ୍ରରେ ଆବଶ୍ୟକ ହୋଇଥାଏ ଓ ସେହି ଅନୁଯାୟୀ ବିକଶିତ ହୋଇଥାଏ । ସଂବିଧାନରେ ୭୩ତମ ସଂଶୋଧନ ଅନୁଯାୟୀ ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଏହି ଗୌଣ ଧାତୁଗୁଡ଼ିକ ବ୍ୟବହାର ଉପରେ ଅଧିକ ଅଧିକାର ଦିଆଯାଇଅଛି ।

ଖ) ମୁଖ୍ୟ ଅବା ବୃହତ୍ତର ଧାତୁ – ଯେଉଁ ଧାତୁ ଗୁଡ଼ିକ କେନ୍ଦ୍ର ସରକାରଙ୍କ ଆଇନ୍ ଅନୁଯାୟୀ ଗୌଣ ଧାତୁ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ତାହା ଏକ ମୁଖ୍ୟ ଧାତୁ ରୂପରେ ପରିଗଣିତ ।

୩. ଖଣିଜ ପଦାର୍ଥର ସର୍ଭେ, ଖୋଳିବା, ତଥା ନିୟମକାନୁନ ବହୁଗୁଡ଼ିଏ ପ୍ରଶାସନିକ ତଥା ମନ୍ତ୍ରଣାଳୟରେ ବିଭକ୍ତ, ଯେପରିକି ଖଣି ମନ୍ତ୍ରଣାଳୟ ଓ ଏହା ଅଧିନରେ କାର୍ଯ୍ୟ କରୁଥିବା ଦୁଇଟି ମୁଖ୍ୟ ସଂସ୍ଥା (ଭାରତୀୟ ଖଣି ବ୍ୟୁରୋ, ଭାରତୀୟ କୂତତ୍ତ୍ୱ ପରୀକ୍ଷଣ ବିଭାଗ), ଏଥି ସହିତ ଆହୁରି ଅନେକ ମନ୍ତ୍ରଣାଳୟ ଓ ବିଭାଗ ଏଥି ସହିତ ସଂଶ୍ଲିଷ୍ଟ ଯେପରି ଖଣିଜତେଲ ପାଇଁ ତେଲ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦାଇତ୍ୱରେ ଥିବା ବେଳେ କୋଇଲା ଓ ଲିଗ୍ନାଇଟ୍ ପାଇଁ କୋଇଲା ମନ୍ତ୍ରଣାଳୟ ମୁଖ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା । ଏଥି ସହିତ ଆଣବିକ ଖଣିଜ ପଦାର୍ଥ ଓ ଏହାର ସର୍ଭେ ଓ ଗବେଷଣା ଇତ୍ୟାଦି ଆଣବିକ ମନ୍ତ୍ରଣାଳ୍ୟ ଅଧିନସ୍ଥ ଅଟେ । ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ଅଧିନସ୍ଥ ଖଣି ବିଭାଗକୁ ଗୌଣ ଧାତୁର ବ୍ୟବହାର ତଥା ମାଲକାନା ଦିଆଯାଇଛି ।

## ଖଣି ସମ୍ବନ୍ଧରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ । (ସୌଜନ୍ୟ - ଖଣିବିଭାଗ)

**ଭାରତରେ ଥିବା ଖଣିଜ ପଦାର୍ଥର ମାଲିକାନା କାହା ପାଖରେ ?**

ଭାରତରେ ପ୍ରଚଳିତ ମହାସଂଘୀୟ ପ୍ରଣାଳୀରେ ପ୍ରାଦେଶିକ ସରକାରମାନଙ୍କୁ ସେଠାରେ ଥିବା ଖଣିଜ ପଦାର୍ଥର ମାଲିକାନା ମିଳିଥାଏ । ସେହିଭଳି ଭାରତର ସୀମା ମଧ୍ୟରେ ସମୁଦ୍ର ଗର୍ଭରେ ଥିବା ଖଣିଜ ଦ୍ରବ୍ୟ ତଥା ଖଣିଜ ତେଲ ଉପରେ ରାଷ୍ଟ୍ରୀୟ ସରକାରଙ୍କ ଅଧିକାର ରହିଥାଏ ।

**ଖଣିଜ ପଦାର୍ଥ ଉପରେ ରିହାତି କିଏ ଦେଇଥାଏ ?**

ରାଜ୍ୟର ସୀମା ମଧ୍ୟରେ ଥିବା ସମସ୍ତ ଖଣିଜ ପଦାର୍ଥ ଉପରେ ରାଜ୍ୟ ସରକାର ରିହାତି ଦେଇଥାଆନ୍ତି କାରଣ ଏହା ଖଣି ଓ ଖଣିଜ ପଦାର୍ଥ (ଉନ୍ନତି ଓ ନିୟନ୍ତ୍ରଣ) ଅଧିନିୟମ, ୧୯୫୭ ଓ ଖଣିଜ ଦ୍ରବ୍ୟ ରିହାତି ନିୟମ, ୧୯୬୦, ପ୍ରଥମଶ୍ରେଣୀ ଅନୁସୂଚିତ ଖଣିଜ ପଦାର୍ଥ ନିମନ୍ତେ (ଉନ୍ନତି ଓ ନିୟନ୍ତ୍ରଣ) ଅଧିନିୟମ, ୧୯୫୭, ଅନୁଯାୟୀ କୌଣସି ରିହାତି ଦେବା ପୂର୍ବରୁ କେନ୍ଦ୍ର ସରକାରଙ୍କ ସମ୍ମତି ଆବଶ୍ୟକ । ଏଥି ସହିତ କେନ୍ଦ୍ର ସରକାର ସମୟ ସମୟରେ ଭିନ୍ନ ଭିନ୍ନ ଧାତୁକୁ ଗୌଣ ଧାତୁ ରୂପେ ଅଧିସୂଚନା ଜାରୀ କରିଥାନ୍ତି ଓ ଯାହାଦ୍ୱାରା ସେ ସମସ୍ତ ଧାତୁ ଉପରେ ରିହାତି, ରାଜଭାଗ ନିର୍ଦ୍ଧାରଣ ତଥା ଭଡ଼ା ଆଦି ସଂପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

**ଭାରତରେ ଭିନ୍ନ ଭିନ୍ନ ପ୍ରକାର ଧାତୁ ଉପରେ ରିହାତିର ଅର୍ଥ କ'ଣ ?**

ଭାରତୀୟ ଆଇନ୍ ଅନୁଯାୟୀ ପ୍ରାୟତଃ ତିନି ପ୍ରକାରର ଧାତୁ ସମ୍ବନ୍ଧୀୟ ରିହାତି ଦିଆ ଯାଇଥାଏ, ସେଗୁଡ଼ିକ ହେଲା, ପ୍ରାଥମିକ ସର୍ବେକ୍ଷଣ ଅନୁମତି, ପୂର୍ବେକ୍ଷଣ ଲାଇସେନ୍ସ ଓ ଖଣି ଲିଜ୍ । ଯେ କୌଣସି ସ୍ଥାନର ଆଞ୍ଚଳିକ, ଆକାଶମାର୍ଗ, ଭୂପ୍ରକୃତି, ଭୂରସାୟନ ଓ ଭୌଗଳିକ ଚିତ୍ରଣ ନିମନ୍ତେ ପ୍ରାଥମିକ ସର୍ବେକ୍ଷଣର ଅନୁମତି ଦିଆଯାଇଥାଏ । ଯେ କୌଣସି ସ୍ଥାନରେ ଖଣିଜ ପଦାର୍ଥର ମହଜୁଦ୍‌କୁ ଖୋଜିବା,ସ୍ଥାନ ନିରୂପଣ ଓ ଆନୁମାନିକ ମହଜୁଦର ପରିମାଣ ଆକଳନ ପାଇଁ ପୂର୍ବେକ୍ଷଣ ଲାଇସେନ୍ସ ଦିଆଯାଇଥାଏ । ଖଣି ଲିଜ୍ କେବଳ କୌଣସି ଖଣିଜ ପଦାର୍ଥର ଉତ୍ତୋଳନ ପାଇଁ ଦିଆଯାଇଥାଏ ।

**ଭାରତରେ ଖଣିଜ ପଦାର୍ଥ ଉପରେ ରିହାତି ପାଇବା ପାଇଁ କେଉଁମାନେ ଯୋଗ୍ୟ ?**

କୌଣସି ବ୍ୟକ୍ତି ବିଶେଷ ଅବା କମ୍ପାନୀ ଯଦି ଭାରତୀୟ ମୂଳର ହୋଇଥିବେ ଅବା କମ୍ପାନୀ ଅଧିନିୟମ ଦାରା ୩(୧) ଅନୁଯାୟୀ ଚୁକ୍ତିବଦ୍ଧ ହୋଇଥିବେ, ସେ ଖଣିଜ ପଦାର୍ଥ ଉପରେ ରିହାତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ, ଯେଉଁଠିକି ଏକ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ସେ ଜଣେ ଭାରତୀୟ ନାଗରିକ ହୋଇଥିବେ, କୌଣସି ସଂସ୍ଥା ଅବା କିଛି ଲୋକଙ୍କ ମିଳିତ ଉଦ୍ୟମ କ୍ଷେତ୍ରରେ ସେ ସଂସ୍ଥା ତଥା ସେଥିରେ ସଂପୃକ୍ତ ସମସ୍ତ ବ୍ୟକ୍ତି ବିଶେଷ ଭାରତୀୟ ହୋଇଥିବା ନିତାନ୍ତ ଜରୁରୀ ।

**କେତେ ସମୟସୀମା ଓ ଅବଧି ପାଇଁ ସର୍ବେକ୍ଷଣର ଅଧିକାର ଦିଆଯାଇଥାଏ ?**

(i) ଯେ କୌଣସି ଗୋଟିଏ ଅବା ଧାତୁ ସମୂହର ବର୍ସେକ୍ଷଣ ପାଇଁ ସର୍ବାଧିକ ୩ ବର୍ଷ ସମୟ ଓ ୫୦୦୦ବର୍ଗ କିଲୋମିଟର ବିଶିଷ୍ଟ ଜାଗା ଧିରେ ଧିରେ କରି ଦିଆଯାଇପାରେ ।

(ii) ଦୁଇ ବର୍ଷ ପରେ ଉକ୍ତ କ୍ଷେତ୍ରର ୫୦% ବା ୧୦୦ବର୍ଗ କିଲୋମିଟର ବିଶିଷ୍ଟ ଜାଗା(ଯେଉଁଟା କମ୍ ହେବ) ଉପରେ ସର୍ବେକ୍ଷଣର ଅଧିକାର ଦିଆଯାଇଥାଏ ।

(iii) ତିନି ବର୍ଷର ସର୍ବେକ୍ଷଣ ଅଧିକାର ପରେ ଉପରୋକ୍ତ ସ୍ଥାନକୁ ୨୫ ବର୍ଗ କି.ମି. ପର୍ଯ୍ୟନ୍ତ ସଂକୁଚିତ କରାଯାଇଥାଏ ।

(iv) ସର୍ବେକ୍ଷଣ ଅଧିକାରର ନବୀକରଣ କରାଯାଇ ପାରିବ ନାହିଁ ।

(v) ରାଜ୍ୟ ଅଧିନସ୍ଥ ସ୍ଥାନରେ ଜଣେ ବ୍ୟକ୍ତିଙ୍କୁ ସର୍ବାଧିକ ୧୦,୦୦୦ବର୍ଗ କି.ମି. ସ୍ଥାନ ଦୁଇ ବା ତତୋଧିକ ସ୍ଥାନ ସର୍ବେକ୍ଷଣ ଅଧିକାରରେ ପାଇ ପାରିବେ ।

(vi) ଜଣେ ବ୍ୟକ୍ତି ଏକ ସମୟରେ ଭିନ୍ନ ଭିନ୍ନ ରାଜ୍ୟରେ ସର୍ବେକ୍ଷଣ ପାଇଁ ସେଠାରେ ପ୍ରଚଳିତ ନିୟମ ଅନୁଯାୟୀ ଅଧିକାର ପାଇପାରନ୍ତି । ଯଦି କୌଣସି ବ୍ୟକ୍ତି ନିଜ ଉଦ୍ଦେଶ୍ୟରେ ଅନ୍ୟ କାହାର ନାମରେ ସ୍ଥାନ ସର୍ବେକ୍ଷଣ ଅଧିକାର ପାଆନ୍ତି, ତେବେ ତାହା ବ୍ୟବହାରକାରୀଙ୍କ ନାମରେ ହେବ ଓ ତଦନୁଯାୟୀ ନିୟମ ଲାଗୁ ହେବ ।

(vi) ଯେଉଁ ବ୍ୟକ୍ତି ସର୍ବେକ୍ଷଣର କାର୍ଯ୍ୟ ସର୍ବେକ୍ଷଣ ଅଧିକାରରେ ନିଜ ହାତକୁ ନେଇ ଥାଆନ୍ତି, ତାଙ୍କୁ ଉକ୍ତ ସ୍ଥାନର ପୂର୍ବେକ୍ଷଣ ଲାଇସେନ୍ସ ପାଇବା ପାଇଁ ଆଗ୍ରାଧିକାର ଦିଆଯାଏ ।

**ପୂର୍ବେକ୍ଷଣ ଲାଇସେନ୍ସ ପାଇଁ ସମୟସୀମା ଓ ଅବଧି ନିୟମ କ'ଣ ଅଛି ?**

(i) ଯେ କୌଣସି ଏକ ଧାତୁ ଅବା ଧାତୁ ସମୁହର ପୂର୍ବେକ୍ଷଣ ଲାଇସେନ୍ସ ପାଇଁ ସର୍ବାଧିକ ୩ବର୍ଷ ସମୟ ଓ ୨୫ ବର୍ଗ କିଲୋମିଟର ସ୍ଥାନ ଦିଆଯାଇପାରେ ।

(ii) ଏହି ପୂର୍ବେକ୍ଷଣ ଲାଇସେନ୍ସ ଏପିରି ଭାବରେ ନବୀକରଣ କରାଯାଇଥାଏ କି ଯେପରି ସର୍ବମୋଟ ସମୟ ୫ବର୍ଷରୁ ଅଧିକ ହେବ ନାହିଁ ।

(iii) ଯେ କୌଣସି ରାଜ୍ୟର ପରିସୀମା ମଧ୍ୟରେ ଜଣେ ବ୍ୟକ୍ତିଙ୍କୁ ଏକ ଅବା ଏକାଧିକ ସ୍ଥାନରେ ୨୫ବର୍ଗ କିଲୋମିଟର ସ୍ଥାନର ପୁର୍ବେକ୍ଷଣ ଲାଇସେନ୍ସ ଦିଆଯାଇପାରେ, କିନ୍ତୁ ଯଦି କେନ୍ଦ୍ର ସରକାର ଭାବନ୍ତି ଯେ କୌଣସି ଖଣିଜ ପଦାର୍ଥର ଉନ୍ନତି ମୂଳକ ସ୍ୱାର୍ଥ ପାଇଁ ଏହା ଆବଶ୍ୟକ ତେବେ ଉକ୍ତ ସ୍ଥାନର ପରିସୀମା ନୀତି କୋହଳ କରାଯାଇପାରେ ।

(iv) ଜଣେ ବ୍ୟକ୍ତି ଏକ ସମୟରେ ଭିନ୍ନ ଭିନ୍ନ ରାଜ୍ୟରେ ପୂର୍ବେକ୍ଷଣ ଲାଇସେନ୍ସ ପାଇଁ ସେଠାରେ ଥିବା ନିୟମ୍ କାନୁନ୍ ଅନୁଯାୟୀ ଆବେଦନ କରିପାରନ୍ତି । ପରନ୍ତୁ ଯଦି କୌଣସି ବ୍ୟକ୍ତି ଅନ୍ୟ ନାମରେ ଆବେଦନ କରି ପୂର୍ବେକ୍ଷଣ ଲାଇସେନ୍ସ ପାଇଥାନ୍ତି ଓ ନିଜ ନାମରେ ବ୍ୟବହାର କରୁଥାନ୍ତି ତେବେ ସେହି କ୍ଷେତ୍ରରେ ତାହା ବ୍ୟବହାରକାରୀଙ୍କ ଜାଗା ହିସାବରେ ପରିଗଣିତ ହେବ ଓ ତଦନୁଯାୟୀ ସୀମା ନିର୍ଦ୍ଧାରଣ କରାଯିବ ।

(v) ପୂର୍ବେକ୍ଷଣ ଲାଇସେନ୍ସ ଯେଉଁ ବ୍ୟକ୍ତି ବିଶେଷଙ୍କୁ ଦିଆଯାଇଥାଏ, ସେ ଯଦି ଖଣି ଲିଜ୍ ଆବେଦନ କରନ୍ତି, ତେବେ ତାଙ୍କୁ ଅଗ୍ରାଧିକାର ଦିଆଯାଇଥାଏ ।

**କେତେ ସମୟସୀମା ଓ ଅବଧି ପାଇଁ ଖଣି ଲିଜ୍ ଦିଆଯାଇଥାଏ ?**

(i) ଯେ କୌଣସି ଖଣିଜ ଧାତୁ ଅବା ଅନୁମୋଦିତ ଧାତୁ ସମୂହ ପାଇଁ ସର୍ବାଧିକ ୧୦ବର୍ଗ କିଲୋମିଟର ସ୍ଥାନକୁ ଅତି କମ୍‌ରେ ୨୦ବର୍ଷ ତଥା ସର୍ବାଧିକ ୩୦ ବର୍ଷ ପାଇଁ ଖଣି ଲିଜ୍ ଆକାରରେ ଦିଆଯାଇ ପାରିବ ।

(ii) କୌଣସି ଖଣି ଲିଜ୍ ୨୦ବର୍ଷରୁ ଅଧିକ ସମୟ ପାଇଁ ନବୀକରଣ କରିହେବ ନାହିଁ ।

(iii) ଯେ କୌଣସି ରାଜ୍ୟ ଅଧିନରେ ଥିବା ଖଣିକୁ ଜଣେ ବ୍ୟକ୍ତି ନିମନ୍ତେ ୧୦ବର୍ଗ କିଲୋମିଟର ସ୍ଥାନ ବିଶିଷ୍ଟ ଏକ ଅବା ତତୋଧିକ ଖଣି ପ୍ରଦାନ କରାଯାଇ ପାରିବ, କିନ୍ତୁ ଯଦି କେନ୍ଦ୍ର ସରକାର ସେହିଭଳି ଯାଗାରେ କୌଣସି ଏକ ଧାତୁସମୂହର ଉନ୍ନତି ଚାହୁଁଥାନ୍ତି, ତେବେ ସେଠାରେ ଏହି ନିୟମ କୋହଳ କରାଯାଇ ପାରିବ ।

(iv) ଜଣେ ବ୍ୟକ୍ତି ଏକ ସମୟରେ ଭିନ୍ନ ଭିନ୍ନ ରାଜ୍ୟରେ ଖଣି ପାଇଁ ଆବେଦନ କରି ପାରିବେ ଓ ସେଠାକାର ଖଣି ଆଇନ୍ ଅନୁଯାୟୀ ସ୍ଥାନର ଆକାର ଅଲଗା ଅଲଗା ହୋଇପାରେ, କିନ୍ତୁ ନିଜ ଉଦ୍ଦେଶ୍ୟରେ ଅନ୍ୟ କାହା ନାମରେ ଗୋଟିଏ ରାଜ୍ୟରେ ସ୍ଥାନ ଆବେଦନ କରିଥିଲେ ମଧ୍ୟ ତାହା ନିଜ ନାମରେ ପରିଗଣିତ ହେବ ଓ ତଦନୁଯାୟୀ ନିୟମ ଲାଗୁ ହେବ ।

**ବୈଦେଶିକ ପୁଞ୍ଜି ନିବେଶ ସମ୍ବନ୍ଧରେ ଖଣି ନିୟମ କ'ଣ କହୁଛି ?**

କୌଣସି ଉଦ୍ୟୋଗକାରୀ ଯଦି ଇନ୍ଧନ ତଥା ପରମାଣୁ ଇନ୍ଧନକୁ ଛାଡି ଯଦି ଅନ୍ୟ କୌଣସି ଖଣି ଉଦ୍ଦେଶ୍ୟରେ ବିଦେଶୀ ପୁଞ୍ଜି ଲଗାଣ ଚାହୁଁଥାଆନ୍ତି, ତେବେ ସେ କେବଳ ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଜଣାଇଦେଲେ ଏହା ନିୟମାନୁଯାୟୀ ସତ୍‌ପ୍ରବୃତ୍ତ ଭାବରେ ଗୃହୀତ ହୋଇଯାଇଥାଏ । କିଛି ମୂଲ୍ୟବାନ୍ ପଥର, ହୀରା, ଇନ୍ଧନ ତେଲ ତଥା ଆଣବିକ ଇନ୍ଧନ ବ୍ୟତୀତ ଅନ୍ୟ ସବୁ କ୍ଷେତ୍ରରେ ୧୦୦% ଭାଗ ବିଦେଶୀ ପୁଞ୍ଜି ଲଗାଣ କରାଯାଇ ପାରେ । ଏହା ମଧ୍ୟରେ ସୁନା ତଥା ରୂପା ମଧ୍ୟ ଅନ୍ତର୍ଭୁକ୍ତ । ଯେଉଁଠି ମୂଲ୍ୟବାନ ପଥର ତଥା ହୀରା କ୍ଷେତ୍ରରେ ୭୪% ଭାଗ ବିଦେଶୀ ପୁଞ୍ଜି ଲଗାଣ ପାଇଁ ଅଧିକାର ମିଳିଥାଏ, ଏହାଠାରୁ ଅଧିକ ଭାଗ ମଧ୍ୟ ଅଧିକାର ଦିଆଯାଇପାରେ, କିନ୍ତୁ ତାହା କେନ୍ଦ୍ର ସରକାର ପ୍ରତ୍ୟେକ ଘଟଣାକୁ ଦେଖି ସେଠାକାର ଆବଶ୍ୟକତା ଅନୁଯାୟୀ ଏହା କରାଇପାରନ୍ତି ।